## ସଂକ୍ଷେପରେ

### କେନାଲରୁ ମୃତଦେହ ଜବତ

**ଅନୁଗୋଳ ଅଫିସ,୧୭।୧୧:** ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ମାତେଲିଆ କେନାଲରୁ ପୋଲିସ ଦଳବେହେରା ସାହିର ରୋହିତ ମନହିରା(୪୦)ଙ୍କ ମୃତଦେହ ଜବତ କରିଛି। ରୋହିତଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ଭାଇ ପ୍ରଶାନ୍ତ ମନହିରା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୪୮୨/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ରୋହିତ ବୁଧବାର ଅପରାହ୍ନରେ ସାଇକେଲ ଧରି ବୁଲିବାକୁ ଯାଇଥିଲେ। କିନ୍ତୁ ରାତିରେ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ସାହି ଲୋକମାନେ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ରୋହିତଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ଆଧାରରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।

### ନତଡ଼ାରେ କାର୍ତ୍ତିକେୟ ପୂଜା

**ବଇଣ୍ଡା,୧୭।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ନତଡ଼ା ଗ୍ରାମରେ ବୁଧବାରଠାରୁ କାର୍ତ୍ତିକେୟ ପୂଜା ଆରମ୍ଭ ହୋଇଛି। ଏହା ୪ ଦିନ ଧରି ଅନୁଷ୍ଠିତ ହେବ। ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ନାଳରୁ କଳସରେ ପାଣି ଅଣାଯିବା ପରେ ପୂଜା ଆରମ୍ଭ ହୋଇଥିଲା। ପ୍ରଥମେ ସୂର୍ଯ୍ୟ ପୂଜା ହେବା ପରେ ପ୍ରଭୁ କାର୍ତ୍ତିକେୟଙ୍କ ଯଥାରୀତିରେ



ପୂଜା କରାଯାଇଥିଲା। ରଙ୍ଗବେରଙ୍ଗ ଆଲୋକମାଳାରେ ପୂଜାମଣ୍ଡପକୁ ସାଜସଜ୍ଜା କରାଯାଇଥିବା ବେଳେ ମନୋରଞ୍ଜନ ପାଇଁ ଯାତ୍ରା ପରିବେଷଣ କରାଯାଉଛି। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ପୂଜା କମିଟିର ବସନ୍ତ ସାହୁ, ଅକ୍ଷୟ ପ୍ରଧାନ, ପଦ୍ମଲୋଚନ ବାରିକ, ସୁଜିତ ପ୍ରଧାନ, ଅଜିତ ପ୍ରଧାନ, ଅଞ୍ଜଳେଶ ପ୍ରଧାନ ସହଯୋଗ କରୁଛନ୍ତି।

### ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ଶିବିର

**ଅନୁଗୋଳ ଅଫିସ,୧୭।୧୧:** ଅନୁଗୋଳ ଜିଲା ଶିଶୁ ସୁରକ୍ଷା ବିଭାଗ ସହଯୋଗିତାରେ ମାରୁୱାଡି ମହିଳା ସମିତି ଦ୍ୱାରା ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଏକ ସଚେତନତା ଶିବିର ମାରୱାଡି ଧର୍ମଶାଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବେଆଇନ ଭାବେ କୌଣସି ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ ନ କରିବାକୁ ସେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ମହେଶ କୁମାର ସାହୁ, ରଞ୍ଜିତ ମାଣ୍ଡୋଠିଆ, ବ୍ରହ୍ମଜ୍ୟୋତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ମହିଳା ସମିତ ସଭାନେତ୍ରୀ ମୀରା ଅଗ୍ରୱାଲ, ସମ୍ପାଦକ ପ୍ରିୟାନ ଅଗ୍ରୱାଲଙ୍କ ସମେତ ଅନ୍ୟ ମହିଳାମାନେ ଉପସ୍ଥିତ ଥିଲେ।

### ଗଜସାଥୀଙ୍କୁ ଧମକ ଅଭିଯୋଗ

**ଅନୁଗୋଳ ଅଫିସ,୧୭।୧୧:** ଅନୁଗୋଳ ଜିଲା ପୁରୁଣାକୋଟ ଥାନା ଗୁରୁଧି ଗ୍ରାମର ଗଜସାଥୀଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ବାରହା ଧାନ ନଷ୍ଟ କରୁଥିବାରୁ ଜଣେ ଚାଷୀ ୫ ଜଣ ଗଜସାଥୀଙ୍କୁ ଗାଳି ଗୁଲଜ ସହ ଟାଙ୍ଗିଆରେ ହାଣିଦେବାକୁ ଧମକ ଦେଇଥିବା ଗଜସାଥୀ ସୁଧୀର ପଲାଇ, ଅନିରୁଦ୍ଧ ବେହେରା, ପ୍ରତାପ ପଲାଇ, ଦୁଖବନ୍ଧୁ ପ୍ରଧାନ, ଦୟାନିଧି ପଲାଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଆବଶ୍ୟକ ବେଳେ ଅଭାବ

- ୧୯ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୭
- ଖାଲିପଡ଼ିଛି ବହୁ କର୍ମଚାରୀ ପଦବୀ
- ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳୁନି ଉପଯୁକ୍ତ ସେବା





**ଆଠମଲ୍ଲିକ, ୧୭।୧୧ (ଡି.ଏନ.ଏ.)**

ମହାନଦୀ ଉପରେ ଧଳପୁର ସେତୁ ନିର୍ମାଣ ପରେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବଢ଼ୁଛି ରୋଗୀସଂଖ୍ୟା। ପାଖ ହେଉଥିବାରୁ ପଡ଼ୋଶୀ ବୌଦ୍ଧ ଜିଲାର ୭ରୁ ୮ ପଞ୍ଚାୟତର ରୋଗୀ ଆସୁଛନ୍ତି ଏହି ଡାକ୍ତରଖାନାକୁ। ଫଳରେ ଦୈନିକ ରୋଗୀ ସଂଖ୍ୟା ୩ଶହ ଟପିଯାଉଛି। ଏତେ ସଂଖ୍ୟକ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇବା ଜରୁରୀ ହୋଇପଡ଼ିଥିବା ବେଳେ ମେଡିକାଲରେ ଦେଖାଦେଇଛି ଡାକ୍ତର ଅଭାବ। ଏଥିସହ ଖାଲି ପଡ଼ିଛି ବହୁ ନର୍ସ ଓ କର୍ମଚାରୀ ପଦବୀ। ଫଳରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉପଯୁକ୍ତ ସେବା ନ ପାଇ ନିରାଶରେ ଫେରୁଛନ୍ତି ରୋଗୀ।

ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟନ୍ଦେନ୍ଦ୍ର ଉପରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ରୋଗୀ ନିର୍ଭରଶୀଳ। ତେବେ ଧଳପୁର ସେତୁ ନିର୍ମାଣ ପରେ ବୌଦ୍ଧ ଜିଲାର ୭ରୁ ୮ ପଞ୍ଚାୟତର ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଥିବାରୁ ପୂର୍ବାପେକ୍ଷା ଆଉଟ୍‌ଡୋରରେ ଅଧିକ ନାମ ପଞ୍ଜୀକରଣ ହେଉଛି। କିନ୍ତୁ ୧୯ ଡାକ୍ତର ପଦବୀ ଥିବା ଏହି ଚିକିତ୍ସାଳୟରେ ଏବେ ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର, ଜଣେ ଅସ୍ଥିଶଲ୍ୟ, ଜଣେ ନିଶ୍ଚେତକ, ଜଣେ ଶିଶୁ ବିଶେଷଜ୍ଞ, ଜଣେ ଭେଷଜ ବିଭାଗ ଡାକ୍ତର ଓ ୨ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କୁ ମିଶାଇ ୭ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ୩୦ ଷ୍ଟାଫନର୍ସଙ୍କ ପଦବୀ ରହିଥିବା ବେଳେ ୧୭ ଜଣ ସେବା ଯୋଗାଉଛନ୍ତି। ଗତ ୨/୩ ମାସ ଭିତରେ ବିଭିନ୍ନ ବିଭାଗରୁ ୩ ଡାକ୍ତର ଉଚ୍ଚଶିକ୍ଷା ପାଇଁ ବାହାରକୁ ଯାଇଥିବାବେଳେ ଏବେ ଜଣେ ଭେଷଜ ବିଭାଗ ଡାକ୍ତର ପ୍ରମୋଶନ ସହ ଉଚ୍ଚଶିକ୍ଷା ପାଇଁ ବାହାରକୁ ଯିବା ଖବର ରୋଗୀମାନଙ୍କ ମଧ୍ୟରେ ବଡ଼ ଚିନ୍ତାର ବିଷୟ ହୋଇଛି। ସେହିପରି ୫ ଜଣ ଲାବରେଟୋରି ଟେକ୍ନିସିଆନଙ୍କ ସ୍ଥାନରେ ୨ଜଣ, ୮ ୱାର୍ଡ ସହାୟକଙ୍କ ଆବଶ୍ୟକ ଥିବାବେଳେ ୫ ଜଣ କାର୍ଯ୍ୟ କରୁଛନ୍ତି। ମେଡିକାଲ ବ୍ଲଡ୍ ବ୍ୟାଙ୍କରେ ଜଣେ ଡାକ୍ତର, ଜଣେ ନର୍ସ, ୩ ଟେକ୍ନିସିଆନ, ୩ ସହାୟକ ନ ଥିବାରୁ ଅନ୍ୟ ବିଭାଗରୁ ଡାକ୍ତର ଓ ଷ୍ଟାଫ୍‌ଙ୍କୁ ଅଣାଯାଇ କାର୍ଯ୍ୟ ସମ୍ପାଦନ କରାଯାଉଛି। ସବୁଠୁ ଅବହେଳାର ଶିକାର ହୋଇଛି ଚକ୍ଷୁ ବିଭାଗ। ଏଠାରେ ଜଣେ ହେଲେ ବି ଚକ୍ଷୁ ବିଶେଷଜ୍ଞ ନ ଥିବା ବେଳେ କାମ ଚଳାଉଥିବା ଟେକ୍ନିସିଆନ ୩ ବର୍ଷ ପୂର୍ବରୁ ଅବସର ନେଇସାରିଛନ୍ତି। ଫଳରେ ଚକ୍ଷୁ ବିଭାଗର ସମସ୍ତ ସେବା ବନ୍ଦ ରହିଛି। ଏପରି କି ବିଭାଗରେ ଥିବା ମୂଲ୍ୟବାନ ଯନ୍ତ୍ରପାତି ଲୋକଙ୍କ କାର୍ଯ୍ୟରେ ନ ଲାଗି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି। ବର୍ଦ୍ଧିତ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଜଣେ ଶଲ୍ୟ ବିଶେଷଜ୍ଞ, ଜଣେ ଭେଷଜ ବିଶେଷଜ୍ଞ, ଜଣେ ଚକ୍ଷୁ, ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଏବଂ ୨ଜଣ ଆସିଷ୍ଟାଣ୍ଟ ସର୍ଜନଙ୍କୁ ନିଯୁକ୍ତି ଦେବାକୁ ଦାବି ହେଉଛି।

### ରୋଗୀଙ୍କୁ ମିଳୁନି ଉପଯୁକ୍ତ ସେବା



ଉପଖଣ୍ଡ ମେଡିକାଲ ଉପରେ ରୋଗୀଙ୍କ ନିର୍ଭରଶୀଳତା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ହେଲେ ଆସୁଥିବା ରୋଗୀଙ୍କୁ ସେବା ଯୋଗାଇ ଦେବାକୁ ଆବଶ୍ୟକ ଡାକ୍ତର ନାହାନ୍ତି। ତେଣୁ ଖାଲି ପଡ଼ିଥିବା ପଦବୀରେ ଡାକ୍ତର, ଷ୍ଟାଫନର୍ସ ଓ ଟେକ୍ନିସିଆନ ନିଯୁକ୍ତି ଦେବା ଜରୁରୀ ହୋଇପଡ଼ିଛି।

-ବିନୟ କୁମାର ପଟ୍ଟନାୟକ, ସାମାଜିକ କର୍ମୀ, ଆଠମଲ୍ଲିକ

### ଶୀଘ୍ର ଖାଲି ପଦବୀ ପୂରଣ ହେଉ



ଆଠମଲ୍ଲିକ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ବଡ଼ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ ସମାଧାନ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟ ସରକାର ଅତିଶୀଘ୍ର ଏଠାରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି ବ୍ୟବସ୍ଥା କରନ୍ତୁ।

-ବିବେକା ନନ୍ଦ ଭୁକ୍ତା, ଉପସଭାପତି, ମାନବ ଅଧିକାର ସୁରକ୍ଷା ସଙ୍ଗଠନ

### ବଦଳି ପୂର୍ବରୁ ନୂଆ ନିଯୁକ୍ତି ଦିଆଯାଉ



ଆଠମଲ୍ଲିକ ଡାକ୍ତରଖାନାରୁ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି ପୂର୍ବରୁ ତାଙ୍କ ସ୍ଥାନରେ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଉ। ଏହା ହୋଇପାରିଲେ ରୋଗୀ ସେବା ବାଧାପ୍ରାପ୍ତ ହୁଅନ୍ତା ନାହିଁ। ଦୈନିକ ଆସୁଥିବା ଶତାଧିକ ରୋଗୀ ଚିକିତ୍ସା ସେବା ପାଇଁ ଉପକୃତ ହୋଇପାରନ୍ତେ।

-ତପନ କୁମାର ମିଶ୍ର, ସାମାଜିକ କର୍ମୀ

### ସମାଧାନ ବ୍ୟବସ୍ଥା ହେଉଛି



ଉପଖଣ୍ଡ ଚିକିତ୍ସାଳୟର ଚକ୍ଷୁ ବିଭାଗକୁ ପୁଣି କାର୍ଯ୍ୟକ୍ଷମ କରିବା ପାଇଁ ଡାକ୍ତର ଓ ଟେକ୍ନିସିଆନ ନିଯୁକ୍ତି ଦେବାକୁ ବ୍ୟବସ୍ଥା କରାଯାଉଛି। ସେହିପରି ବ୍ଲଡ୍ ବ୍ୟାଙ୍କରେ ଡାକ୍ତରଖାନାର ୨ଜଣ ଟେକ୍ନିସିଆନଙ୍କୁ ନିୟୋଜିତ କରାଯାଇଛି।

-ଡା. ସୁନୀଲ କୁମାର ପଣ୍ଡା, ଉପଖଣ୍ଡ ଚିକିତ୍ସା ଅଧିକାରୀ, ଆଠମଲ୍ଲିକ

## କିରୋସିନ ଚୋରି କରି ହଟହଟା

**ଛେଣ୍ଡିପଦା,୧୭।୧୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୂଆଗାଁ ସେବା ସମବାୟ ସମିତିରୁ ପିଡିଏସ୍ କିରୋସିନ ଚୋରି କରି ଜଣେ କର୍ମଚାରୀ ଗୁରୁବାର ହଟହଟା ହୋଇଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ସମବାୟ ସମିତିର ତାଲା ଖୋଲିବା ପାଇଁ ସମିତି ସମ୍ପାଦକ ବିନୋଦ କୁମାର ପ୍ରଧାନ ଜଣେ କର୍ମଚାରୀଙ୍କୁ ଚାବି ଦେଇଥିଲେ। ସମ୍ପୃକ୍ତ କର୍ମଚାରୀ ଚାବି ନେଇ ସମବାୟ ସମିତି ଅଫିସ ଖୋଲିଥିଲେ। ହେଲେ ଅଫିସରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତ କର୍ମଚାରୀ ଗଚ୍ଛିତ ଥିବା କିରୋସିନରୁ ୫ ଲିଟରରୁ ଉର୍ଦ୍ଧ୍ୱ କିରୋସିନ ୩ଟି ବୋତଲରେ ଧରି ସ୍କୁଟିରେ ନେଇଯାଉଥିବାବେଳେ ଗ୍ରାମର ଜଣେ ଯୁବକ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବରପାଇ ଗ୍ରାମବାସୀ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖି ସମିତି ସମ୍ପାଦକ ବିନୋଦ ବିହାରୀ ପ୍ରଧାନଙ୍କୁ ଜଣାଇଥିଲେ। ଏହାକୁ ନେଇ ଦୀର୍ଘ ସମୟ ଧରି ସମବାୟ ସମିତି ସମ୍ମୁଖରେ ଉତ୍ତେଜନା ଲାଗିରହିଥିଲା। ଅପରାହ୍ନରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ କର୍ମଚାରୀ ଜଣକ ଭୁଲ ସ୍ୱୀକାର କରିବା ସହ ଗ୍ରାମବାସଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାରୁ ଘଟଣାର ସମାଧାନ ହୋଇଥିଲା।

## ଡକାୟତି ଯୋଜନା ବେଳେ ଚଢ଼ାଉ

**ଅନୁଗୋଳ ଅଫିସ, ୧୭।୧୧**

**୩ ଗିରଫ, ୩ ଫେରାର**

ଅନୁଗୋଳ ଥାନା ତାମ୍ରିତ୍ କଲୋନୀ ନିକଟ ନୂଆ ବସ୍‌ଷ୍ଟାଣ୍ଡ କେନାଲ ହୁଡ଼ାରେ ବିଳମ୍ବିତ ରାତିରେ ବସି ଡକାୟତି ପାଇଁ ଯୋଜନା କରୁଥିବା ଏକ ଗ୍ୟାଙ୍ଗର ୩ ସଦସ୍ୟଙ୍କୁ ପୋଲିସ ଗିରଫ କରିଛି। ତେବେ ଚଢ଼ାଉ ବେଳେ ଅନ୍ୟ ୩ ଜଣ ଖସି ଯାଇଥିବା ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ କୋଲିୟାରୀ ଥାନା ଗୋପାଳପ୍ରସାଦ ଅଞ୍ଚଳର ସୁଜିତ୍ ନାଏକ(୨୦), ଭାଲୁଗାଡ଼ିଆ ଅଞ୍ଚଳର ସୁମନ୍ତ ନାଏକ(୨୦) ଓ ତାଳଚେର ଥାନା ଡେରା ଅଞ୍ଚଳର ଲକ୍ଷ୍ମୀଧର ନାଏକ(୨୨) ବୋଲି ଅନୁଗୋଳ ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ କହିଛି, ଅନୁଗୋଳ ଥାନାର ଅତିରିକ୍ତ ଥାନା ଅଧିକାରୀ ଦୁଷ୍ମନ୍ତ ସିଂହ ବୁଧବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିଲେ। ତାମ୍ରିତ୍ କଲୋନୀ, ହାକିମପଡ଼ା, କଲେଜଛକ, ମିଶ୍ରପଡ଼ା ଅଞ୍ଚଳ ରାସ୍ତାରେ ଯାଞ୍ଚ କରୁଥିଲେ। ଏହି ସମୟରେ ୬ ଜଣ ଡକାୟତ ନୂଆ ବସ୍‌ଷ୍ଟାଣ୍ଡ କେନାଲ ହୁଡ଼ାରେ ବସିଥିବା ଖବର ମିଳିଥିଲା। ଏହାପରେ ପୋଲିସ ସେଠାରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଦୁଇଟି ମୋଟରସାଇକେଲରେ ୩ ଜଣ ଦୁର୍ବୃତ୍ତ ଖସି ଯାଇଥିଲେ। ଅନ୍ୟ ୩ ଜଣ ସୁଜିତ୍, ସୁମନ୍ତ ଓ ଲକ୍ଷ୍ମୀଧରଙ୍କୁ ପୋଲିସ ମାଡ଼ି ବସିଥିଲା। ସେମାନେ ଏକ ପେଟ୍ରୋଲ ପମ୍ପରେ ଡକାୟତି ପାଇଁ ଯୋଜନା କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଅତିରିକ୍ତ ଥାନା ଅଧିକାରୀ ସିଂହ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏସ୍‌ଆଇ ପ୍ରଶାନ୍ତ ପ୍ରଧାନ ଅଧିକ ତଦନ୍ତ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## 'ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

**ଆଠମଲ୍ଲିକ, ୧୭।୧୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସଦାଶିବ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେହେରୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଶିକ୍ଷୟିତ୍ରୀ ଉଜ୍ଜୟିନୀ ନାଏକ, ଶିକ୍ଷକ ମାନଭଞ୍ଜନ ବେହେରା ଚାଚା ନେହେରୁ କିପରି ଶିଶୁମାନଙ୍କୁ ଭଲ ପାଉଥିଲେ ତାହା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ହିଙ୍ଗମଣ୍ଡଳ ପ୍ରାଥମିକ ବିଦ୍ୟାଳୟରେ ପାଳିତ ଶିଶୁ ଦିବସ ଉପଲକ୍ଷେ ଚାଚା ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶିକ୍ଷକ ଆଶୁତୋଷ ପଟ୍ଟନାୟକ ଶିଶୁ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲରେ ମଧ୍ୟ ଶିଶୁ ଦିବସ ପାଳନ ହୋଇଥିଲା।

## କବାଡ଼ି ପ୍ରତିଯୋଗିତା: ହିଙ୍ଗୁଳା କ୍ଷେତ୍ର ଚାମ୍ପିୟନ

**ତାଳଚେର, ୧୭।୧୧ (ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ଆନ୍ତଃକ୍ଷେତ୍ର କବାଡ଼ି ପ୍ରତିଯୋଗିତାରେ ହିଙ୍ଗୁଳା କ୍ଷେତ୍ର ଚାମ୍ପିୟନ ହୋଇଛି। ହିଙ୍ଗୁଳା କ୍ଷେତ୍ର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଏମ୍‌ସିଏଲ୍‌ର ୧୩ଟି କ୍ଷେତ୍ର ଜଗନ୍ନାଥ କ୍ଷେତ୍ର, ଲିଙ୍ଗରାଜ, ତାଳଚେର, ଭରତପୁର, ହିଙ୍ଗୁଳା, କଣିହାଁ, କେନ୍ଦ୍ରୀୟ କର୍ମଶାଳା, ତାଳଚେର, ବସୁନ୍ଧରା, ଲଖନପୁର, ଓରିଏଣ୍ଟ, ଇବ୍ ଭ୍ୟାଲି ଓ ଏମ୍‌ସିଏଲ୍ ହେଡ୍‌କ୍ୱାର୍ଟର ଟିମ୍ ଅଂଶ ଗ୍ରହଣ କରିଥିଲା। ହିଙ୍ଗୁଳା କ୍ଷେତ୍ର ଓ ଭରତପୁର ଏରିଆ ମଧ୍ୟରେ ଫାଇନାଲ୍ ମୁକାବିଲା ହୋଇଥିଲା। ଏଥିରେ ହିଙ୍ଗୁଳା କ୍ଷେତ୍ରର ପ୍ରତିଯୋଗୀମାନେ ଚମତ୍କାର ପ୍ରଦର୍ଶନ କରି ବିପକ୍ଷ ଦଳକୁ ୫୬-୪୦ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ହିଙ୍ଗୁଳା କବାଡି ଟିମ୍ ପରିଚାଳକ ସୁବ୍ରତ ମାଝି ଓ ଅଧିନାୟକ ଟି.ଆର୍. ଧ୍ରୁବଙ୍କ ନେତୃତ୍ୱରେ ଜିତେନ୍ଦ୍ର ଗଡନାୟକ, ସଚ୍ଚିଦାନନ୍ଦ ସାମଲ, ଧରଣୀଧର ଗଡନାୟକ, ଶୁଭମ ପ୍ରଧାନ, ଗୋଲକ ବିହାରୀ ଗଡନାୟକ, କୁଳମଣି ପ୍ରଧାନ, ପୃଥୀରାଜ ପ୍ରଧାନ, ଯୁଧିଷ୍ଠିର ସାହୁ, ଶୈଳେନ୍ଦ୍ର ସାମଲ, ସୁଜିତ୍ ବେହେରା, ଆଶିଷ ଗଡନାୟକ, ପ୍ରିୟବ୍ରତ ସ୍ୱାଇଁ ଓ ବାସୁଦେବ ଦେହୁରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏମ୍‌ସିଏଲ୍ ହିଙ୍ଗୁଳା କ୍ଷେତ୍ର ପ୍ରବନ୍ଧକ (ଖଣିଜ) ଶ୍ରୀନିବାସ ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ଟିମ୍‌କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ୩ ଦଫା ଦାବିରେ ଶିକ୍ଷକ ସଂଘର ବୈଠକ



ବୈଠକରେ ଉପସ୍ଥିତ ଶିକ୍ଷକମାନେ।

**ଆଠମଲ୍ଲିକ,୧୭।୧୧(ଡି.ଏନ.ଏ.)**

ଆଠମଲ୍ଲିକସ୍ଥିତ ମା' ମାହେଶ୍ୱରୀ ମନ୍ଦିରଠାରେ ମିଳିତ ପ୍ରାଥମିକ ଶିକ୍ଷକ ଫୋରମର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ। ୩ ଦଫା ଦାବିରେ ରାଜ୍ୟ ସଂଘ ନଭେମ୍ବର ୧୯ରେ ବ୍ଲକ ଘେରାଉ ଓ ୨୭ ତାରିଖରେ ଭୁବନେଶ୍ୱର ରାଲି କରୁଥିବାରୁ ଏଥିରେ ଯୋଗଦେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଶିକ୍ଷକ କାଳିଦାସ କୁମ୍ଭାର ସଭାପତିତ୍ୱ କରିଥିଲେ। ଅନ୍ତରୀଣ କମିଟିର ସଭାପତି ଭାବେ ତରୁଣ ପ୍ରଧାନ, ସମ୍ପାଦକ ବୀରେନ ସାହୁ ଓ କୋଷାଧ୍ୟକ୍ଷ ଭାବେ ଦିଲୀପ ସାହୁ ମନୋନୀତ ହୋଇଥିଲେ। ସେହିପରି ବରିଷ୍ଠ ଶିକ୍ଷକ ସଦାଶିବ ଦଳବେହେରା, ବିକ୍ରମ ରଣଭେଁସା, ପ୍ରଦୀପ ସେଠୀ, କାଳିଦାସ କୁମ୍ଭାର ଓ ଯଯାତି କୁମାର ପ୍ରଧାନଙ୍କୁ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା। ଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ଶ୍ରୀନିବାସ ପ୍ରଧାନ, ସୁଧାଂଶୁ ଭୂଷଣ ନାୟକ, ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ଶିକ୍ଷୟିତ୍ରୀ ଜ୍ୟୋତିରାଣୀ ରାଉତ, ସତ୍ୟବତୀ ମହାପାତ୍ର, ମମତା ରାୟ, ବିଜୟଲକ୍ଷ୍ମୀ ତ୍ରିପାଠୀ, ପ୍ରଭାସିନୀ ପ୍ରଧାନ ଓ ଇଲାବତୀ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜ୍ଞାନ, ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ

**କଣିହାଁ,୧୭।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ଗଣ୍ଡବେରଣା ରିଜିଓନାଲ ହାଇସ୍କୁଲଠାରେ ଗୁରୁବାର ବ୍ଲକସ୍ତରୀୟ ଏକଦିବସୀୟ ବିଜ୍ଞାନ, ଗଣିତ ଓ ପରିବେଶ ସମ୍ବନ୍ଧୀୟ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ମଙ୍ଗୁଳ ଚରଣ ପ୍ରଧାନ, ସରପଞ୍ଚ ସୁଭାସିନୀ ବେହେରା, ସମିତି ସଭ୍ୟା କବିତା ରାଣୀ ଦେହୁରୀ, କଣିହାଁ ପିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦାଶରଥି ଜେନା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୧୧୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ନିଶାନ ମିଶ୍ର, ମୁଖ୍ୟବକ୍ତା ଭାବେ ପିଏମ୍ ହାଇସ୍କୁଲ ସହକାରୀ ଶିକ୍ଷକ ସିଦ୍ଧିପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ସମଲ ବ୍ୟାରେଜ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜନ ସାହୁ, ବିଜିଗୋଲ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୀମା ମହାପାତ୍ର, ଶିକ୍ଷାବିତ୍ ବିଜୟ ପ୍ରମୁଖ ଯୋଗଦାନ କରିଥିଲେ। ବିଚାରକ ଭାବେ କଣିହାଁ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସତ୍ୟନାରାୟଣ ପରିଡ଼ା, ଗଣିତ ଅଧ୍ୟାପକ ନାରାୟଣ ଦାସ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୭ଟି ପ୍ରକଳ୍ପକୁ ଜିଲାସ୍ତରୀୟକୁ ମନୋନୀତ କରାଯାଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ବଜ୍ରକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଶୁଭେନ୍ଦୁ ସାହୁଙ୍କୁ ପୁରସ୍କାର ଦିଆଯାଇଥିଲା। ରିଜିଓନାଲ ହାଇସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।



ବିଜ୍ଞାନ ପ୍ରଦର୍ଶନୀରେ ଉପସ୍ଥିତ ଅତିଥିମାନେ।

## ମନ ମୋହିଲା ବାଦଦଣ୍ଡ

**ବିଜିଗୋଳ ସୁରକ୍ଷା ସଂଘ ବାର୍ଷିକ ଉତ୍ସବ**

**କଣିହାଁ,୧୭।୧୧(ଡି.ଏନ.ଏ.)**



କଣିହାଁ ବ୍ଲକ ବିଜିଗୋଳ ସୁରକ୍ଷା ସଂଘର ବାର୍ଷିକ ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ରାମ ମନ୍ଦିର ପଡ଼ିଆଠାରେ କାର୍ଯ୍ୟକ୍ରମକୁ ନେଇ ମନୋରଞ୍ଜନ ନିମନ୍ତେ ସନ୍ଧ୍ୟାରେ ବାଦଦଣ୍ଡ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତାରେ ୪ଟି ଦଳ ଭାଗବତପୁର, ରନ୍ତଲେଇ, ସୁଲେପାଳ ଓ ଜୁରାଗାଡ଼ିଆ ଅଂଶଗ୍ରହଣ କରିଥିଲେ। ତିନିଦିନ ଧରି ଦଣ୍ଡ ପ୍ରତିଯୋଗିତା ହୋଇଥିଲା। ଫାଇନାଲ ପ୍ରତିଯୋଗିତାରେ ରନ୍ତଲେଇ ଓ ସୁଲେପାଳ ଭାଗ ନେଇଥିଲେ। ଏଥିରେ ସୁଲେପାଳ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ କିନ୍ନର ଚିନ୍ମୟୀ ଦାସ ଯୋଗ ଦେଇ ଗରିବଙ୍କ ମୁହଁରେ ହସ ଫୁଟିଲେ ଆନନ୍ଦ ମିଳେ ବୋଲି ମତ ରଖିଥିଲେ। ସେହିପରି ଅନୁପ ପଟ୍ଟନାୟକ, ବିନତି ନାଏକ, ଦୁଃଖବନ୍ଧୁ ଭୁତିଆ, ସଂଘ ଉପଦେଷ୍ଟା ସୁବଧ ପାଣି, ସଂଘ ସଭାପତି ଟିକନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ସାମାଜିକ ଉନ୍ନତି କାର୍ଯ୍ୟରେ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସୁଲେନ ଧର, ସୁନନ୍ଦ ସାହୁ, ଖଗେଶ୍ୱର ପାଣି, ବିପ୍ରବର ନାଏକ, ମହୁର ନାଏକ, ଅନିଲ ସେଠି, ସନ୍ତୋଷ ଖୁଣ୍ଟିଆ, ମନୋଜ ବେହେରାଙ୍କ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଖବରଦାତାମାନେ ସମାଜର ଜାଗ୍ରତ ପ୍ରହରୀ

**ପାଲଲହଡା/ କଣିହାଁ/ ଛେଣ୍ଡିପଦା,୧୭।୧୧(ଡି.ଏନ.ଏ.)**

ପାଲଲହଡା ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ବୁଧବାର ପାଲଲହଡା କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ସାମ୍ବାଦିକମାନେ ସମାଜର ଜାଗ୍ରତ ପ୍ରହରୀ ବୋଲି ମତପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସତ୍ୟପ୍ରକାଶ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ ଯୋଗ ଦେଇଥିଲେ। ସଂଘ ଉପସଭାପତି ରବି ନାରାୟଣ ପ୍ରଧାନ, ଦିବ୍ୟଜ୍ୟୋତି ଦାଶ, ଦେବଦତ୍ତ ସାହୁ, ସୁବ୍ରତ ଦାଶ, ହରିଶଚନ୍ଦ୍ର ଦାସ, ରମେଶ ଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଆଚାର୍ଯ୍ୟ, ଖଗେଶ୍ୱର ମହାନ୍ତ, ଲିଙ୍ଗରାଜ ସାହୁ, ରଜନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଆକ୍ଟିଭ ମିଡିଆ ୟୁଥ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ରଞ୍ଜିତା ବେହେରା, କଣିହାଁ ମହାବିଦ୍ୟାଳୟ ଅଧ୍ୟାପକ ଧନେଶ୍ୱର ସାହୁ, ଆମ୍ବେଦକର ଫାଉଣ୍ଡେଶନ ସଭାପତି ଅରୁଣ କୁମାର ନାଏକ, ରମେଶ ଚନ୍ଦ୍ର ପ୍ରଧାନ, ସରପଞ୍ଚ ଦୁଃଖବନ୍ଧୁ ବେହେରା, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ଭାଜପା ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ଯୋଗଦାନ କରିଥିଲେ। ୟୁଥ୍ କ୍ଲବ ସଭାପତି ସୁଭାଷ ଚନ୍ଦ୍ର ପ୍ରଧାନ, ସମ୍ପାଦକ ବଳଭଦ୍ର ନାୟକ ଉପଦେଷ୍ଟା ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛେଣ୍ଡିପଦା ବ୍ଲକ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ପ୍ରେସ୍ ଦିବସରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସରକାରୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଶାନ୍ତନୁ କୁମାର ସର ଓ ମୁଖ୍ୟବକ୍ତା ଭାବେ ଡକ୍ଟର ଧରଣୀଧର ନାଥ ଯୋଗଦେଇଥିଲେ। ସଂଘ ସଭାପତି ଲଳିତ କୁମାର ପ୍ରଧାନ, ସୁଶାନ୍ତ କୁମାର ପ୍ରଧାନ, ଯଶୋବନ୍ତ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଞ୍ଚଳର ବରିଷ୍ଠ ନାଗରିକ ଓ ବ୍ଲକର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କାରିଥିଲେ।







## ସଂକ୍ଷେପରେ

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ଢେଙ୍କାନାଳ ଅଫିସ, ୧୭।୧୧**
ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟରେ ଶୁଭମ୍ ଅନୁଷ୍ଠାନ ତରଫରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ସମୀର କୁମାର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ଡିଜିଟାଲ୍ ଇଣ୍ଡିଆ ଇ-ଗଭର୍ନାନ୍ସ ମୁଖ୍ୟ ପ୍ରଭଞ୍ଜନ ସାହୁ, ସହ ପରିଚାଳକ ସତ୍ୟ ପ୍ରକାଶ ନାୟକ ଏବଂ ଶୁଭମ୍ ଅନୁଷ୍ଠାନର ସମ୍ପାଦକ ଶୁଭ ସଙ୍କଳ୍ପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୧୧୫ ବିଦ୍ୟାର୍ଥୀଙ୍କ ନିଃଶୁଳ୍କ ପଞ୍ଜୀକରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ହୋଇପାରିବ। ସେମାନେ ନିଯୁକ୍ତି ସୁଯୋଗ ପାଇପାରିବେ ବୋଲି ପ୍ରଭଞ୍ଜନ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅଧାପକ ମାନଗୋବିନ୍ଦ ଗୋଛି, ଡା. ନୀହାର ରଞ୍ଜନ ନନ୍ଦ, ସମୀର ମଲ୍ଲିକ, ଡା. ସସ୍ମିତା ଦାସ, ଅନିମା ସାହୁ, ନିରୁପମା ନାୟକ, ଶ୍ୱାତୀ ସୁଚରିତା ସ୍ୱାଇଁ, ପ୍ରବୀଣ ରଞ୍ଜନ ସାହୁ, ଶ୍ରୀନିବାସ ଆଚାର୍ଯ୍ୟ, ଚିତ୍ତରଞ୍ଜନ ରାଉତ, ଯୁଗଳ କିଶୋର ବେହେରା, ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



**ଢେଙ୍କାନାଳ ଅଫିସ, ୧୭।୧୧:** ଢେଙ୍କାନାଳ ସଦର ବ୍ଲକ କଙ୍କଡ଼ାହାଡ଼ ଗ୍ରାମର ଧର୍ମପ୍ରାଣା ମହିଳା ତଥା ସାମାଜିକ କର୍ମୀ ସତ୍ୟଭାମା ସାହୁ (୭୪)ଙ୍କ ବୁଧବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଘଟ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟବ୍ୟକ୍ତି ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ମରଶରୀରକୁ ନଗର ପରିକ୍ରମା କରିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। କନିଷ୍ଠ ପୁତ୍ର ସୁଶାନ୍ତ ମୁଖାଗ୍ନି ଦେଇଥିଲେ। ଢେଙ୍କାନାଳ ଖମାରସାହି ଲକ୍ଷ୍ମୀପୂଜା କମିଟି ସଭାପତି ସୁକାନ୍ତ ମିଶ୍ର, ଉପସଭାପତି ବସନ୍ତ ରଥ, ଉପଦେଷ୍ଟା ଚକ୍ରଧର ରାଉତ, ସୁଶାନ୍ତ ସ୍ୱାଇଁ, ଆଞ୍ଚଳିକ ବାଣିଜ୍ୟ ପ୍ରତିଷ୍ଠାନର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସମ୍ବିତ୍ ପ୍ରିୟଦର୍ଶିନୀ, ମନୋରଞ୍ଜନ ମହାନ୍ତି, ସାରଦା ପ୍ରସନ୍ନ ହୋତା, ଗ୍ରାମ ସଭାପତି ଦେବରାଜ ବେହେରା, ସରପଞ୍ଚ କୁନି ନାଏକ ପ୍ରମୁଖ ସତ୍ୟଭାମା ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

### ବାଇକ୍ ଚୋରି, ଥାନାରେ ମାମଲା

**ଭୁବନ, ୧୭।୧୧(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ହନୁମାନ ଛକ ନିକଟରେ ରହୁଥିବା ମୁରଲୀଧର ନାୟକଙ୍କ ବାଇକ୍ ବୁଧବାର ରାତିରେ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ମୁରଲୀଧର ତାଙ୍କର ବାଇକ୍ (ନଂ. ଓଡ଼ି ୦୬ ଏଫ୍ ୭୨୬୪) ଘର ବାହାରେ ରଖିଥିଲେ। ସକାଳୁ ଗାଡ଼ିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଛି। ଖୋଜାଖୋଜି କରିବା ପରେ ନ ମିଳିବାରୁ ସେ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ନଂ. ୪୬୬/୨୨ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଅଞ୍ଚଳବାସୀ ସନ୍ଦେହରେ ୩ ଯୁବକଙ୍କୁ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚରା କରୁଛି। ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହେଉଛି।

### ସାଇକେଲରୁ ପଡ଼ି ବୃଦ୍ଧ ମୃତ

**ବାହାନଗା, ୧୭।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନାଗା ବ୍ଲକ ୧୬ନମ୍ବର ଜାତୀୟ ରାଜପଥ ଉପରେ ସାଇକେଲ ଯୋଗେ ଯାଉଥିବା ଜଣେ ବୃଦ୍ଧ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାହାନଗା ଅଞ୍ଚଳର ଭାନୁ ଚନ୍ଦ୍ର ପଣ୍ଡା। ସେ ନିଜ ସାଇକେଲ ଯୋଗେ ବଜାରରୁ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥ ଉପରେ ପଡିଯାଇଥିଲେ। ତେବେ ସେଠାରେ ଥିବା ଲୋକମାନେ ଘଟଣାସ୍ଥଳରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ।

# ପୁଣି ବିଫଳ ହେଲା ବ୍ଲାଷ୍ଟିଂ



ଗ୍ରାମବାସୀ ତହସିଲଦାରଙ୍କୁ ଘେରିଛନ୍ତି।

- ଏକ୍ସିକ୍ୟୁଡ୍ ଏକ୍ସପ୍ଲୋସିଭ ପ୍ରାଇଭେଟ୍ ଲିମିଟେଡ୍ ଟିମ୍ ନିରାଶ
- ଅର୍ଦ୍ଧଭଗ୍ନ ଅବସ୍ଥାରେ ବିଶାଳ ଚମିନି, ଚିନ୍ତାରେ ଗ୍ରାମବାସୀ



ବ୍ଲାଷ୍ଟିଂ ବିଫଳ ହେବା ପରେ ଚିମିନି।

**ଢେଙ୍କାନାଳ ଅଫିସ, ୧୭।୧୧**

ଫେଲ୍ ମାରିଛି ରାଜସ୍ଥାନର ଏକ୍ସିକ୍ୟୁଡ୍ ଏକ୍ସପ୍ଲୋସିଭ ପ୍ରାଇଭେଟ୍ ଲିମିଟେଡ୍‌ର ସମସ୍ତ ଉଦ୍ୟମ। ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଏବଂ ୭୫୦ କେ.ଜି. ବିସ୍ଫୋରକ ବ୍ୟବହାର ସତ୍ତ୍ୱେ ଭୁଶୁଡ଼ିଲା ନାହିଁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁସୁପଙ୍ଗା ପଞ୍ଚାୟତ କୁରୁଣ୍ଟିସ୍ଥିତ ଲାନ୍‌କୋ ପାୱାର ଷ୍ଟିଲ୍ ଲିମିଟେଡ୍‌ର ବିଶାଳକାୟ ଚିମିନି। ବ୍ୟର୍ଥ ଗଲା ୨୦ଜଣିଆ ଟିମ୍‌ର କସରତ। ଅର୍ଦ୍ଧଭଗ୍ନ ଅବସ୍ଥାରେ ଥିବା ଉକ୍ତ ଦୁର୍ବଳ ଚିମିନି କୌଣସି ସମୟରେ ଭୁଶୁଡ଼ି ପଡ଼ିବା ଆଶଙ୍କା ଥିବାରୁ ଏହାକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି ଅଞ୍ଚଳବାସୀ।

କୁରୁଣ୍ଟି ଗ୍ରାମ ନିକଟରେ ୨୦୦୬ରେ ପ୍ରତିଷ୍ଠା ହୋଇଥିଲା ଲାନ୍‌କୋ ବାବନ୍ଧ କମ୍ପାନୀ। ତେବେ ପରିଚାଳନାଗତ ତ୍ରୁଟି ଓ ଅନ୍ୟ ଆନୁଷଙ୍ଗିକ ସମସ୍ୟା କାରଣରୁ ୨୦୧୫ରେ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାରଖାନାକୁ ଏକ ସ୍କ୍ରାପ୍ କମ୍ପାନୀକୁ ହସ୍ତାନ୍ତର କରାଯାଇଥିଲା। ସମ୍ପୃକ୍ତ କମ୍ପାନୀ ସମସ୍ତ ଲୁହା ସାମଗ୍ରୀ କାଟି ନେଇଯାଇଛି। ବହୁ ଶହ ଶ୍ରମିକ, କର୍ମଚାରୀ ଏବଂ କ୍ଷତିଗ୍ରସ୍ତ ପ୍ରଜାଙ୍କ ବକେୟା ନ ଦେଇ କମ୍ପାନୀ ବନ୍ଦ ହୋଇଯିବାକୁ ନେଇ ଅସନ୍ତୋଷ ଲାଗି ରହିଥିବାବେଳେ ଏବେ ପରିତ୍ୟକ୍ତ ଅବସ୍ଥାରେ ଥିବା ୨୫୬ ମିଟର ଉଚ୍ଚ, ୧୮ ମିଟର ବ୍ୟାସାର୍ଦ୍ଧ ବିଶିଷ୍ଟ ବିରାଟକାୟ ଚିମିନି ମୁଣ୍ଡବ୍ୟଥା ବଢ଼ାଇଛି। ୨୦୧୦ରେ ଉକ୍ତ ଚିମିନି ନିର୍ମିତ ହୋଇଥିଲା। କାରଖାନା ବନ୍ଦ ହୋଇଯିବା ପରେ ଉକ୍ତ ପରିତ୍ୟକ୍ତ ଚିମିନି ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏ ନେଇ ଅସନ୍ତୋଷ ବଢ଼ିବା ପରେ ଗତ ଅକ୍ଟୋବର ୧୩ରେ ଏକ୍ସିକ୍ୟୁଡ୍ ଏକ୍ସପ୍ଲୋସିଭ ପ୍ରାଇଭେଟ୍ ଲିମିଟେଡ୍ ଏହାକୁ ବିସ୍ଫୋରଣ କରି ଭାଙ୍ଗିବା ପାଇଁ ଉଦ୍ୟମ କରିଥିଲା। ହେଲେ ସଫଳତା ମିଳି ନ ଥିଲା। ଏହାପରେ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୧୫ରେ ପୁନର୍ବାର ଏହାକୁ ବିସ୍ଫୋରଣ କରି ଉଡ଼ାଇବାକୁ ଯୋଜନା କରାଯାଇଥିଲା। ଏଥିଲାଗି ନନ୍ ଇଲେକ୍ଟ୍ରିକାଲ ବ୍ଲାଷ୍ଟିଂ ସିଷ୍ଟମ୍ ବ୍ୟବହାର କରାଯାଇଥିଲା। ଚିମିନିରେ ଦୁଇଟି ଧାଡ଼ିରେ ୨୫୦୦ ଗାତ କରାଯାଇ ୭୫୦ କେ.ଜି. ବିସ୍ଫୋରକ ଭର୍ତ୍ତି କରାଯାଇଥିଲା। ତେବେ ବ୍ଲାଷ୍ଟିଂରେ କେବଳ ଚିମିନିର ୧୦ ଫୁଟ ଭାଙ୍ଗିଛି, ଯାହା ନୂଆ ସମସ୍ୟା ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ବିସ୍ଫୋରକ ଦଳର ମୁଖ୍ୟ ତଥା ମାଇନିଂ ଇଞ୍ଜିନିୟର ଆନନ୍ଦ ଶର୍ମା କୁହନ୍ତି, ପୂର୍ବରୁ ଭାରତରେ ବଡ଼ ବିଲ୍ଡିଂ ଏବଂ ଚିମିନି ବିସ୍ଫୋରଣ ପାଇଁ ବିଦେଶରୁ କମ୍ପାନୀ ଆସୁଥିଲେ। ପାନିପତରେ ନିର୍ମିତ ୧୨୦ ମିଟର ଉଚ୍ଚତା ବିଶିଷ୍ଟ ଚିମିନିକୁ ଆମେ ସୁରକ୍ଷିତ ଭାବେ ଭାଙ୍ଗିଥିଲୁ। ଏଭଳି ବିସ୍ଫୋରଣରେ ୩୦ବର୍ଷର ଅଭିଜ୍ଞତା ରହିଛି। ହେଲେ ଲାନ୍‌କୋ କମ୍ପାନୀର ଚିମିନି ବହୁତ ମଜଭୁତ୍। ଏହାକୁ ୨ଥର ବିସ୍ଫୋରଣ କରିବାକୁ ଉଦ୍ୟମ କରାଯାଇଛି। ପ୍ରଥମ ଥର ୫୦% ଭାଙ୍ଗିବ ବୋଲି ଆଶା ଥିଲା। ଗୁରୁବାର ସବୁ ଗାତରେ ଥିବା ବିସ୍ଫୋରକ ବିସ୍ଫୋରଣ ହୋଇଛି। ପୂର୍ବାପେକ୍ଷା ଚିମିନି ଦୁର୍ବଳ ହୋଇଛି। ତେବେ ସୁରକ୍ଷିତ ଅଛି। ବିପଦର ସମ୍ଭାବନା ନାହିଁ। ୧୫-୨୦ଦିନ ପରେ ପୁଣିଥରେ ବିସ୍ଫୋରଣ କରାଯିବ। ଏହା ଭାଙ୍ଗିବାକୁ ୫ରୁ ୭ ସେକେଣ୍ଡ ଲାଗିବ ବୋଲି ସେ ସୂଚନା ଦେଇଛନ୍ତି।

ଏ ସଂକ୍ରାନ୍ତରେ ସରପଞ୍ଚ ଅନିତା ନାୟକ କୁହନ୍ତି, ଦୁଇଥର ବ୍ଲାଷ୍ଟିଂ ସତ୍ତ୍ୱେ ଚିମିନି ଭାଙ୍ଗୁନାହିଁ। ଗ୍ରାମବାସୀ ବିପଦରେ ରହିଛନ୍ତି। ବ୍ଲାଷ୍ଟିଂ ଯୋଗୁ ଯେଉଁଭଳି ଭାବେ ଘର ଫାଟିଛି, ତାହା ଆଉ ସହଜରେ ମରାମତି ହୋଇପାରିବ ନାହିଁ। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦେବା ଲାଗି ଦାବି କରିଛୁ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଘଟଣାସ୍ଥଳରେ ଉପସ୍ଥିତ ଓଡ଼ାପଡ଼ା ତହସିଲଦାର ବାଣୀନିବେଦିତା ସ୍ୱାଇଁ କୁହନ୍ତି, ଚିମିନି ସୁରକ୍ଷିତ ଥିବା ବିଶେଷଜ୍ଞ ଦଳ କହୁଛନ୍ତି। କ୍ଷୟକ୍ଷତି କ'ଣ ହେବ ସେ ସମ୍ପର୍କରେ ବିଶେଷଜ୍ଞ କହିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରାଯିବ। ଲୋକଙ୍କୁ ସତର୍କ କରାଯାଇଛି। ସେମାନେ ସଚେତନ ଅଛନ୍ତି ବୋଲି ତହସିଲଦାର କହିଛନ୍ତି। ବିସ୍ଫୋରଣ ବେଳେ ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ, ହିନ୍ଦୋଳରୋଡ୍ ଅଗ୍ନିଶମ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଶିଶୁ ପ୍ରତିଭା ଚୟନ



କାର୍ଯ୍ୟକ୍ରମରେ ପ୍ରତିଭା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୧୭।୧୧**

ଢେଙ୍କାନାଳ ମ୍ୟୁନିସିପାଲିଟି ପୋଲିସ ଲାଇନ କ୍ଲଷ୍ଟର୍ ପୋଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ପ୍ରତିଭା ଚୟନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଆରସିସି ଝସକେତନ ପ୍ରଧାନ, ସମ୍ମାନିତ ଅତିଥି ସ୍କୁଲ କମିଟି ସଭାନେତ୍ରୀ ମଞ୍ଜୁଲତା ବେହେରା, ଉପସଭାପତି ପତିତପାବନ ମହାନ୍ତି, ବିମଳ ସାହୁ, ସଭ୍ୟା ପାର୍ବତୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଶୁଭଲକ୍ଷ୍ମୀ ବାରିକ, କ୍ରିଷ୍ଣାବାଳା ସାହୁ, ବର୍ଷା ବାରିକ, ବକ୍ତୃତାରେ ଶୁଭଲକ୍ଷ୍ମୀ ବାରିକ, ଆରତୀ ନାୟକ, ରୁଦ୍ର ନାରାୟଣ, ଦେଶାତ୍ମବୋଧକ ସଙ୍ଗୀତରେ ସୁଭଦ୍ରା ବିନ୍ଧାଣୀ, ଆରତି ନାୟକ, ଆନନ୍ଦୀ ବେହେରା, ନୃତ୍ୟରେ ଆରତୀ ନାୟକ, ସୋନାଲି ପରିଡ଼ା, ଶାଳିନୀ ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଅବସରରେ 'ବାଲ୍ୟ ବିବାହ', 'ବଧୂ ନିର୍ଯାତନା' ନାଟକ ପରିବେଷଣ କରାଯାଇଥିଲା। କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରେଖା ସାହୁ, ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର, ସ୍ନେହପ୍ରଭା ସାହୁ, ଅନ୍ନପୂର୍ଣ୍ଣା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## କୁସଂସ୍କାର ହଟାଇବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସାତମାଇଲ/କାମାକ୍ଷାନଗର, ୧୭।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଚର୍ମରୋଗ ବିଶେଷଜ୍ଞ ପ୍ରଫେସର ଶିବ ଚରଣ ତ୍ରିପାଠୀ ଯୋଗଦେଇ କହିଲେ ସୁସ୍ଥ ସମାଜ ଗଠନ ଏବଂ କୁସଂସ୍କାର ଦୂରୀକରଣରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ମା' ଧରାଶୁଣୀ ସାହିତ୍ୟ ସଂସଦ ସଭାପତି ପ୍ରାବନ୍ଧିକ ଦଣ୍ଡଧର ପତି, ଶିକ୍ଷାବିତ୍ ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସଭାପତି ବିକ୍ରମ ସାହୁଙ୍କ ପୌରୋହିତ୍ୟରେ ସୁଶାନ୍ତ ପତି, ପ୍ରତାପ ପଟ୍ଟନାୟକ, ସୁଶାନ୍ତ ସାମଲ, ହେମନ୍ତ ସାହୁ, ପ୍ରଶାନ୍ତ ଜେନାମଣିଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧି, ଶିକ୍ଷାବିତ୍, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସେହିପରି କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ ଦେହୁରୀଙ୍କ ସଭାପତିତ୍ୱରେ ମହାବିରୋଡ଼ ଗ୍ରାମରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂଘ ଉପସଭାପତି ନବକିଶୋର ସାହୁ ଯୋଗଦେଇ ଗଣମାଧ୍ୟମ ପ୍ରତିନିଧିଙ୍କ ସୁରକ୍ଷା ଏବଂ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟସିଂହ ଦେହୁରୀ, ବୀରବର ସାହୁ, ଦୀପେଶ ପଣ୍ଡା, ଅରବିନ୍ଦ ପାଳ, ସୁବାସ ପଧାନ, ଚଗଲା ଦେହୁରୀ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ ମେଧାବୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ




ମେଧାବୀ ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୧୭।୧୧**

ଢେଙ୍କାନାଳ ବନମାଳୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ବିଦ୍ୟାଳୟରୁ କୃତିତ୍ୱ ହାସଲ କରିଥିବା ୨୮ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ସଭାରେ ଅଧ୍ୟକ୍ଷତା କରି ଛାତ୍ରୀଛାତ୍ରଙ୍କ ପ୍ରତିଭା ଓ ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଏହା ଟନିକ୍ ଭଳି କାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏବିଇଓ ଦେବବ୍ରତ ନାଥ ଓ ଭଗବାନ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସିଆର୍‌ସିସି ସଂଯୁକ୍ତା ହୋତା, ରସାନନ୍ଦ ମହାରଣା ଓ ବିକାଶ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ପରଜଙ୍ଗ କ୍ରିକେଟ: ସିଂହଡ଼ା ଚାମ୍ପିୟନ



**ପରଜଙ୍ଗ, ୧୭।୧୧ (ଡି.ଏନ.ଏ.)**

ପରଜଙ୍ଗ ଷ୍ଟାଡିୟମଠାରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କାମାକ୍ଷାନଗର ବ୍ଲକ କନ୍ତିଓପୁଟସାହି ଦଳ ପ୍ରଥମେ ବ୍ୟାଟିଂ କରି ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗର ସିଂହଡା ଟିମ୍ ୧୨୧ ରନ୍ କରି ବିଜୟୀ ହୋଇଥିଲା। ଅଙ୍କିତ କୁମାର, ପ୍ରକାଶ ସେଠୀ ଓ ଦୀପୁ ସାମଲ ଖେଳ ପରିଚାଳନା କରିଥିଲେ। ପ୍ରସାଦ ସେଠୀ ସହଯୋଗ କରିଥିଲେ। ଅତିଥି ଭାବେ ବିଜେଡି ଯୁବନେତା ଅସିତ୍ ରାୟଚୌଧୁରୀ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ସରପଞ୍ଚ ଗାୟତ୍ରୀ ମହାପାତ୍ର, ପୂର୍ବତନ ସରପଞ୍ଚ ପ୍ରିୟଜିତ୍ ସାମଲ, ସୁବ୍ରତ ଦାସ ଉପସ୍ଥିତ ରହି ଟ୍ରଫି ପ୍ରଦାନ କରିଥିଲେ।

## ସତ୍ୟନାରାୟଣ ବ୍ରତ, ପାରାୟଣ

**ଢେଙ୍କାନାଳ ଅଫିସ, ୧୭।୧୧**



ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପରେ ୩ଦିନ ଧରି ଚାଲିଥିବା ସାଇବାବାଙ୍କ ସତ୍ୟନାରାୟଣ ବ୍ରତ ଓ ସମୂହ ପାରାୟଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ବାଜିଚୌକଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଦ୍ୱିତୀୟ ଦିବସରେ ସତ୍ୟନାରାୟଣ ପୂଜାରେ ୧୦୮ ଦମ୍ପତି ଅଂଶଗ୍ରହଣ କରିଥିଲେ। ଶିରିଡ଼ି ଧାମର ମୁଖ୍ୟ ପୂଜକ ଚନ୍ଦ୍ରକାନ୍ତ ଅଚ୍ୟୁତରାଓ, ଗୋରକର ଜୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ତିମ ଦିନରେ ସାଇ ଶତଚରିତ ପାରାୟଣ, ବିଷ୍ଣୁ ସହସ୍ର ନାମ ପାଠ, ସଂକଳ୍ପ ଏବଂ ଆଳତି କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ମନେପଡ଼ିଲେ ବିର୍ସା ମୁଣ୍ଡା

**ଢେଙ୍କାନାଳ ଅଫିସ, ୧୭।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ାସ୍ଥିତ 'ଐରା' ଅନୁଷ୍ଠାନ ଦ୍ୱାରା ପରିଚାଳିତ ଆବାସିକ ଆଦିବାସୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ରବୀନ୍ଦ୍ର ମୁଣ୍ଡଙ୍କ ସଭାପତିତ୍ୱରେ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଯୋଗଦେଇ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରଧାନ ଶିକ୍ଷକ ଦ୍ୱାରିକା ପ୍ରସାଦ ମହାନ୍ତି, ସହକାରୀ ଶିକ୍ଷକ ଶଶିଭୂଷଣ ଶତପଥୀ, ମିନତି ପଣ୍ଡା, ବନଜାବାଳା ରାଉତ, ପ୍ରିୟଦର୍ଶିନୀ ଶତପଥୀ, ପଲ୍ଲିଶ୍ରୀ ପୁଷ୍ପା ରାଉତ ପ୍ରମୁଖ ବିର୍ସାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରବନ୍ଧ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

## ଦାବି ପୂରଣ ନ ହେଲେ ୨୬ରୁ ଗଣଧାରଣା

### ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଚେତାବନୀ

**ଢେଙ୍କାନାଳ ଅଫିସ, ୧୭।୧୧**



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଆଉଟସୋର୍ସିଂ କର୍ମଚାରୀମାନେ।

ଆଉଟ୍‌ସୋର୍ସିଂ ବ୍ୟବସ୍ଥା ହଟାଇବା ଲାଗି ସରକାରଙ୍କ ଟାଳଟୁଳ ନୀତିର ପ୍ରତିବାଦ କରିଛି ଢେଙ୍କାନାଳ ଶାଖା ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ। ଏଭଳି କୁତ୍ସିତ ବ୍ୟବସ୍ଥାର ଉଚ୍ଛେଦ ଓ ସ୍ଥାୟୀ ନିଯୁକ୍ତି ନେଇ ଏକ ଦାବିପତ୍ର ଗୁରୁବାର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ସଙ୍ଗଠନ ପକ୍ଷରୁ ପ୍ରତୀକାତ୍ମକ ଭାବେ କଳାବ୍ୟାଜ୍ ପରିଧାନ କରାଯିବ। ୨୬ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିବା ସଭାପତି ସଞ୍ଜୟ କୁମାର ପଟ୍ଟନାୟକ, ଆବାହକ ପ୍ରଭାତ ମହାନ୍ତି ସୂଚନା ଦେଇଛନ୍ତ।

ମହାସଂଘର ଅଭିଯୋଗ ଅନୁଯାୟୀ, ଅର୍ଥମନ୍ତ୍ରୀ ଏବଂ ଅର୍ଥ ସଚିବଙ୍କ ବୈଠକରେ ବିଭିନ୍ନ ଜିଲା, ମୁଖ୍ୟ ଦପ୍ତର, ସଚିବାଳୟରେ କାର୍ଯ୍ୟରତ ଉଚ୍ଚଶିକ୍ଷିତ କର୍ମଚାରୀଙ୍କୁ ସ୍ଥାୟୀ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଅଦ୍ୟାବଧି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି। ଅନୁରୂପ ଭାବେ ୨୦୧୮ ଜୁନ୍‌ରେ ୩ଦିନିଆ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯାଇଥିଲା। ମାସେ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କର୍ମଚାରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୫ବର୍ଷ ବିତିବା ପରେ ବି ଦାବି ପୂରଣ ହେଲାନାହିଁ। ତେଣୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

